To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଶଶିକଳାଙ୍କୁ ୫ଦିନର ପାରୋଲ

R.N.I. No.-42041/83 Vol-15, Issue No.99, ଭଦ୍ରକ, ଶନିବାର, ୭, ଅକ୍ଟୋବର ୨୦୧୭ ■ Bhadrak, Saturday, 7 October 2017 Rs. 2.00 Pages-8

କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତି

- ୨୭ଟି ସାମଗ୍ରୀ ଉପରେ ଜିଏସ୍‌ଟି କୋହଳ କରାଯାଇଛି
- ବାର୍ଷିକ ୧.୫ କୋଟି ଟଙ୍କା କାରବାର ଥିଲେ କ୍ୱାଟର୍ଲି ରିଟର୍ଣ୍ଣ
- କେତେକ ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି କୋହଳ
- ରପ୍ତାନୀ କାରୀଙ୍କ ପାଇଁ ୨୦୧୮ ଏପ୍ରିଲ୍ ସୁଦ୍ଧା ଇ-ୱାଲେଟ୍
- ୨ଲକ୍ଷ ଟଙ୍କାରୁ ଅଧିକ କିଣାବିକା କଲେ ପ୍ୟାନ ବାଧ୍ୟତାମୂଳକ
- କମ୍ପାଉଣ୍ଡିଙ୍ଗ ସ୍କିମ ୭୫ ଲକ୍ଷରୁ ଏକ କୋଟି ଟଙ୍କା

UNION FINANCE MINISTER
CHAIRMAN OF GST COUNCIL
MoS (FINANCE)
GOVERNMENT OF INDIA

ନୂଆଦିଲ୍ଲୀ,୬।୧୦ : ବହୁ ବାଦବିବାଦ ପରେ ୨୨ତମ ଜିଏସ୍‌ଟି ପରିଷଦ ଗଠନ କରାଯାଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇଥିଲା । ଜିଏସ୍‌ଟି ଦ୍ୱାରା କ୍ଷୁଦ୍ର ଓ ରପ୍ତାନୀକାରୀ ବ୍ୟବସାୟୀମାନେ ଅସୁବିଧାରୁ ସମ୍ମୁଖୀନ ହେଉଥିବାରୁ କେବଳ ସେହିମାନଙ୍କ ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇଛନ୍ତି । ଏହି ବୈଠକରେ ମୁଖ୍ୟତଃ ଦୁଇଟି ବିଷୟରେ ଆଲୋଚନା କରାଯାଇଥିଲା । ଜିଏସ୍‌ପଟି ପରିଷଦର ବୈଠକରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତି ଦିଆଯାଇଛି । ବାର୍ଷିକ ଦେଢ଼ କୋଟି କାରବାର କରୁଥିବା ବ୍ୟବସାୟୀଙ୍କୁ ଏବେ ମାସେ ନୁହେଁ ଏଣିକି ୩ ମାସରେ ଆୟକର ରିଟର୍ଣ୍ଣ ଦାଖଲ କରିବେ । ଗତ ୩ ମାସରେ ଦେଶର ଛୋଟ ଛୋଟ ବ୍ୟବସାୟୀଙ୍କୁ ଏହି କର ବ୍ୟବସ୍ଥାରେ ସାମିଲ କରିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଏହା ସହ ବଡ଼ ନିଷ୍ପତ୍ତି ନିଆଯାଇ ରତ୍ନପଥର ଏବଂ ଗହଣା ଉପରୁ ଜିଏସଟି ପ୍ରତ୍ୟାହାର କରାଯାଇଛି । ଏହାକୁ ନେଇ ଏବେ ନୂତନ ବିଜ୍ଞପ୍ତି ଜାରି କରାଯିବ । ଏହା ବ୍ୟତୀତ ୨ଲକ୍ଷ ଟଙ୍କାରୁ ଅଧିକ କିଣାବିକା କଲେ ପ୍ୟାନ ଦେବାକୁ ପଡ଼ିବ । ପୂର୍ବରୁ ୫୦ହଜାର ଟଙ୍କାରୁ ଅଧିକ କିଣାବିକା କଲେ ପ୍ୟାନ ଦେବାକୁ ପଡ଼ୁଥିଲା । ଜିଏସଟି ପରିଷଦ ବୈଠକ ପରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇଛନ୍ତି ଯେ ବୈଠକରେ ମୁଖ୍ୟତଃ ଦୁଇଟି ବିଷୟରେ ଆଲୋଚନା କରାଯାଇଛି । କ୍ଷୁଦ୍ର ବ୍ୟବସାୟୀ ଓ ରପ୍ତାନୀ ବାବଦରେ ନିଷ୍ପତ୍ତି ନିଆଯାଇଛି । ରପ୍ତାନୀକାରୀଙ୍କ ପାଇଁ ୨୦୧୮ ଏପ୍ରିଲ ସୁଦ୍ଧା ଇ-ୱାଲେଟ୍ ବ୍ୟବସ୍ଥା କରାଯିବ । ରପ୍ତାନୀ ଉପରେ ମାତ୍ର ୦.୧ ପ୍ରତିଶତ ଟିକସ ଲାଗିବ । କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ କମ୍ପୋଜିସନ ସ୍କିମରେ କୋହଳ କରାଯାଇଛି । ଟ୍ରେଡିଂରେ ଏକ ପ୍ରତିଶତ, ମାନ୍ୟୁଫାକଚରରେ ୨ ପ୍ରତିଶତ, ରେଷ୍ଟୁରାଣ୍ଟ ପାଇଁ ୫ ପ୍ରତିଶତ ଟିକସ ଦେବା ବ୍ୟବସ୍ଥା କରାଯାଇଛି । ବାର୍ଷିକ ଦେଢ଼ କୋଟି କାରବାର କରୁଥିବା ବ୍ୟବସାୟୀଙ୍କୁ ଏବେ ମାସେ ନୁହେଁ ଏଣିକି ୩ ମାସରେ ଆୟକର ରିଟର୍ଣ୍ଣ ଦାଖଲ କରିବେ । ଜିଏସ୍‌ଟିରେ ଥିବା ତ୍ରୁଟିକୁ ସୁଧାରିବା ପାଇଁ ଗଠନ କରାଯାଇଥିବା ଗ୍ରୁପ ଅଫ ମିନିଷ୍ଟର୍ସ ସୂଚନା ଦେଇଛନ୍ତି । ବୈଠକ ପରେ କମ୍ପାଉଣ୍ଡିଙ୍ଗ ସ୍କିମ ଆଧାରରେ ଏବେ ୭୫ ଲକ୍ଷ ଟର୍ଣ୍ଣ ଓଭର ସୀମାକୁ ବଢ଼ାଇ ଏକ କୋଟି ଟଙ୍କା କରିଦିଆଯାଇଛି । ଏମିତିରେ ବ୍ୟବସାୟୀଙ୍କୁ ୩ ମାସରେ ମୋଟ୍ ବିକ୍ରିର ଏକ ପ୍ରତିଶତ ଟ୍ୟାକ୍ସ ଜମା କରି ବିବରଣୀ ଦାଖଲ କରି ପାରିବେ । ରତ୍ନ ପଥର ଏବଂ ଗହଣା ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରାଯାଇଛି ।

ବିଜେପୁର ଉପନିର୍ବାଚନରେ ବ୍ୟବହାର ହେବ ଭିଭିପ୍ୟାଟ୍

ଭୁବନେଶ୍ୱର, ୬।୧୦(ସକାଳଖବର) : ବିଜେପୁର ନିର୍ବାଚନ ମାମଲା ହାଇକୋର୍ଟରେ ବିଚାରଧୀନ ରହିଛି । ଏପର୍ଯ୍ୟନ୍ତ ମାମଲାର ରାୟ ପ୍ରକାଶ ପାଇନାହିଁ । ଏହି ରାୟ ପ୍ରକାଶ ପାଇବା ଅଛୁ । ବିଜେପୁର ଉପନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପ୍ୟାଟ୍ (ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍)ମେସିନ୍ ଲଗାଯିବ । ଗୋଟିଏ ବୁଥ୍‌ରେ ଗୋଟିଏ ମେସିନ୍ ଲଗାଯିବ ।

ରେ ନିର୍ବାଚନ ପାଇଁ ନିଷ୍ପତି ନିଆଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡି.ଏନ୍ ଗୁପ୍ତା ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଆଗୁଆ ନିର୍ବାଚନ ନେଇ କୌଣସି କମ୍ୟୁନିକେସନ୍ ଆସିନାହିଁ । ଆସିଲେ ନିର୍ବାଚନ କରିବା ପାଇଁ ପ୍ରସ୍ତୁତ ବିଜେପୁର ନିର୍ବାଚନ ମଣ୍ଡଳୀରେ ମୋଟ ୨୭୦ଟି ବୁଥ୍ ରହିଛି । ଏହା ଫଳରେ ଟ୍ୟାମ୍ପରିଂକୁ ରୋକାଯାଇ ପାରିବ । ଆଗାମୀ ଦିନରେ ଅନ୍ୟ ନିର୍ବାଚନ ମାନଙ୍କରେ ମଧ୍ୟ ଏହି ମେସିନ୍ ବ୍ୟବହାର କରାଯିବ ।

ଆଗୁଆ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ : ନବୀନ

ଭୁବନେଶ୍ୱର, ୬।୧୦(ସକାଳଖବର) : ଯେକୌଣସି ସମୟରେ ନିର୍ବାଚନ ଘୋଷଣା ହେଲେ ବିଜେଡି ଦଳ ଲଢିବା ପାଇଁ ପ୍ରସ୍ତୁତ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନ ସଚିବାଳୟ ଠାରେ ସାମ୍ବାଦିକ ମାନଙ୍କର ଏସମ୍ପର୍କିତ ପ୍ରଶ୍ନର ଉତରରେ

ମୁଖ୍ୟମନ୍ତ୍ରୀ ଏହା କହିଥିଲେ । ୨୦୧୮ ବିଧାନସଭା ଓ ଲୋକସଭା ନିର୍ବାଚନ ଏକାସଙ୍ଗେ କରିବା ପାଇଁ ନିର୍ବାଚନ କମିଶନ ପ୍ରସ୍ତୁତ ରହିଛି ବୋଲି ନିର୍ବାଚନ କମିଶନର ଓମ୍ ପ୍ରକାଶ ରାୱତ୍ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେଥିପାଇଁ ମଧ୍ୟ ତାଙ୍କ ଦଳ ପ୍ରସ୍ତୁତ ଅଛି । ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଏକାସଙ୍ଗେ ନିର୍ବାଚନ କରିବାର ସାମ୍ବିଧାନିକ ବ୍ୟବସ୍ଥା ନାହିଁ । ଏଥିପାଇଁ ସମ୍ବିଧାନରେ ସଂଶୋଧନ ହେବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ ନିର୍ବାଚନ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ସେଥିରେ କୌଣସି ନୂଆ କଥା ନାହିଁ । ଯଦି ମୁଖ୍ୟ ନିର୍ବାଚନ କମିଶନର ନିର୍ବାଚନ ସମ୍ପର୍କରେ ଘୋଷଣା କରନ୍ତି , ତାକୁ ସବୁ ଦଳ ମାନିନେବା ଉଚିତ୍ ।

ଆଗାମୀ ନିର୍ବାଚନ ଲଢିବେନି ହେମାନନ୍ଦ

ଭୁବନେଶ୍ୱର, ୬।୧୦(ସକାଳଖବର) : କଂଗ୍ରେସ ଦଳର ବରିଷ୍ଠ ନେତା ମାନେ ଜଣକ ପରେ ଜଣେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନକରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ନିକଟରେ ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଏସମ୍ପର୍କରେ ପ୍ରଥମେ ଘୋଷଣା କରିବା ପରେ ଶୁକ୍ରବାର ଦିନ ଦଳର ତୁଙ୍ଗ ନେତା , ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାଂସଦ ହେମାନନ୍ଦ ବିଶ୍ୱାଳ ଅନୁରୂପ ଭାବେ ଆଗାମୀ ନିର୍ବାଚନ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ବହୁ ପୂର୍ବରୁ ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମଧ୍ୟ ସମାନ ଘୋଷଣା କରିଥିଲେ ।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ବୟସାଧିକ ହୋଇଥିବାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ନାହିଁ । ୭୦ ବର୍ଷ ହେବା ପରେ ଆଉ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନକରି ଅନ୍ୟ ମାନଙ୍କୁ ଲଢିବା ସୁଯୋଗ ଦେବା ଉଚିତ୍ ହେବ । ଯେତେବେଳେ ତାଙ୍କୁ ୭୦ ବର୍ଷ ହୋଇଥିଲା , ଲଢିବା ପାଇଁ ଇଚ୍ଛା ନଥିଲେ ମଧ୍ୟ ଦଳର କହିବା ଅନୁଯାୟୀ ଲଢିଥିଲି । ସେତେବେ ତାଙ୍କୁ ୭୪ ବର୍ଷ ହୋଇଥିଲା । ଏବେ ତାଙ୍କୁ ୭୮ ବର୍ଷ ହେଲାଣି । ତେଣୁ ଏଥର ଦଳ କହିଲେ ମଧ୍ୟ ଲଢିବି ନାହିଁ ବୋଲି ସେ କହିଛନ୍ତି ।

ସେହିପରି ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ନିର୍ବାଚନ ନଲଢିବା ପାଇଁ ଘୋଷଣା କରିବା ବେଳେ ଅନୁରୂପ ଭାବେ ଯୁକ୍ତି ଦର୍ଶାଇ କହିଥିଲେ ଯେ ୭୦ ବର୍ଷ (ପୃଷ୍ଠା-୭)

ପ୍ଲାଷ୍ଟିକ ଚାଉଳ ଖାଇ ମହିଳା ଅସୁସ୍ଥ

ସମ୍ବଲପୁର, ୬।୧୦(ସକାଳଖବର) : ସମ୍ବଲପୁରର କ୍ଷେତରାଜପୁର ଥାନା ଅନ୍ତର୍ଗତ ଚନ୍ଦନନଗରରେ ସିନ୍ଥେଟିକ୍ ବା ପ୍ଲାଷ୍ଟିକ ଚାଉଳ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଚନ୍ଦନନଗରର ଏକ କିରାନା ଦୋକାନରୁ ନେଇଥିବା ଚାଉଳ ଖାଇ ଚନ୍ଦ୍ରମା ମେହେରେତା ନାମ୍ନୀ ଜଣେ ମହିଳା ଅସୁସ୍ଥ ହେବାରୁ ତାଙ୍କ ପୁଅ ପିଂଟୁ ମେହେରେତା ଥାନାରେ ଅଭିଯୋଗ କରିଛନ୍ତି। ସଂପୃକ୍ତ ଘରୁ ରନ୍ଧା ହୋଇଥିବା ଭାତର ନମୁନାକୁ ଫୁଡ୍ ସେଫ୍ଟି ଇନ୍ସପେକ୍ଟର ସଂଗ୍ରହ କରି ପରୀକ୍ଷା ସକାଶେ ଭୁବନେଶ୍ୱର ସ୍ଥିତ ଲେବୋରେଟୋରୀକୁ ପଠାଇଛନ୍ତି। ଏହି ରିପୋର୍ଟ ଆସିବା ପରେ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି ଏସପି ସଞ୍ଜୀବ ଆରୋରା ସୂଚନା ଦେଇଛନ୍ତି। ପିଂଟୁଙ୍କ ଅଭିଯୋଗକୁ ଗ୍ରହଣ କରାଯାଇ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସଂପୃକ୍ତ ମହିଳା ସଦର ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି ।

ଆଜି ଓଡ଼ିଶା ଛୁଇଁବ ଘୂର୍ଣ୍ଣିବଳୟ

ଭୁବନେଶ୍ୱର ୬।୧୦(ସକାଳଖବର): ପାରାଦୀପଠାରୁ ପ୍ରାୟ ୬୦୦ କି.ମି. ଦୂର ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ

ଘୂର୍ଣ୍ଣିବଳୟ କେନ୍ଦ୍ରୀଭୂତ ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ଆସନ୍ତା ୪୮ ଘଣ୍ଟା ଭିତରେ ଏହା ଲଘୁଚାପରେ ବି ପରିଣତ ହୋଇପାରେ । ଏହାର ପ୍ରଭାବରେ ଉପକୂଳବର୍ତ୍ତୀ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ପବନର ବେଗ ମଧ ଅଧିକ ରହିବ । ଏଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ସତର୍କତାର ସହିତ ଯିବାକୁ ପରାମର୍ଶ ଦିଆଯାଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ ଆଜି ରାତି କିମ୍ବା ଆସନ୍ତାକାଲି ସକାଳେ ଘୂର୍ଣ୍ଣିବଳୟ ଓଡ଼ିଶା ଉପକୂଳ ନିକଟତର ହୋଇପାରେ । ଏହାର ପ୍ରଭାବରେ ଆଜିଠାରୁ କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି । ଉପକୂଳର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ବିଶେଷ କରି କଟକ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡା, ବାଲେଶ୍ୱର ଆଦି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ । ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ବି ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ଘୂର୍ଣ୍ଣିବଳୟ ଦିନେ କି ଦୁଇଦିନ ଭିତରେ ଲଘୁଚାପର ରୂପ ନେଇପାରେ । ଘୂର୍ଣ୍ଣିବଳୟ ପ୍ରଭାବରେ ଉପକୂଳବର୍ତ୍ତୀ ସ୍ଥାନରେ ପବନର ବେଗ ଘଣ୍ଟାକୁ ୩୫ରୁ ୪୫ କି.ମି. ପର୍ଯ୍ୟନ୍ତ ରହିବ । ଏହାର ଗତି ବି ବଢ଼ିପାରେ । ଅବଶ୍ୟ ଓଡିଶାରେ ମୌସୁମୀ ବାୟୁ ଏବେ ବି ସକ୍ରିୟ ରହିଛି । ଏହି ଘୂର୍ଣ୍ଣିବଳୟର ପ୍ରଭାବ ଦେଖିବା ପରେ ମୌସୁମୀର ଗତି ସଂପର୍କରେ ପୂର୍ବାନୁମାନ କରିହେବ । ତେବେ ଆଗାମୀ ୧୫ତାରିଖ ପୂର୍ବରୁ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେବାର ସମ୍ଭାବନା କ୍ଷୀଣ ବୋଲି କହିଛନ୍ତି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ । ସେ (ପୃଷ୍ଠା-୭)

ହବିଷ୍ୟାଳୀଙ୍କ ରହିବା ପାଇଁ ୭ ମହଲା ବିଶିଷ୍ଟ ନୂଆ ବିଲ୍ଡିଂ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬।୧୦(ସକାଳଖବର) : ଆସନ୍ତା ବର୍ଷ ଠାରୁ ହବିଷ୍ୟାଳିମାନେ ଶିବିରରେ ନ ରହି ସ୍ଥାୟୀ କୋଠାଘରେ ରହିବେ । ସେଥିପାଇଁ ସେମାନଙ୍କ ଲାଗି ୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ୭ ମହଲା ବିଶିଷ୍ଟ ନୂଆ ବିଲ୍ଡିଂ କରାଯିବ । ବର୍ଷକ ମଧ୍ୟରେ ତାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ । ଏଥିରେ ୨ ହଜାର ହବିଷ୍ୟାଳି ରହିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ।

ଆଜି ଅପରାହ୍ନରେ ସଚିବାଳୟଠାରେ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବିତ ନୂତନ ବିଲ୍ଡ଼ିଂର ଭିତି ପ୍ରସ୍ତର କରିଥିଲେ । ସେ କହିଥିଲେ ଯେ, ପୁରୀର ନରେନ୍ଦ୍ର କୋଣଠାରେ ଏହି ବିଲ୍ଡିଂ ନିର୍ମାଣ କରାଯିବ । ଏ ବର୍ଷ ଜେଲ କ୍ୟାମ୍ପସ ମଧ୍ୟରେ ହବିଷ୍ୟାଳି ମାନଙ୍କ ପାଇଁ ୪ଟି ଶିବିର କରାଯାଇଛି । ଉକ୍ତ ଜେଲଟି ଅନ୍ୟତ୍ରକୁ ସ୍ଥାନାନ୍ତର କରାଯାଇଛି । ଦୂର ଜାଗା ମାନଙ୍କରେ ଥିବା ହବିଷ୍ୟାଳି ମାନେ ଯେପରି ସୁବିଧାରେ ମହାପ୍ରଭୁଙ୍କୁ ଖୋଲା ମନରେ ଦର୍ଶନ କରିପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ସଚିବାଳୟଠାରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି, ମୁଖ୍ୟ ଶାସନ ସଚିବ ଉନ୍ନୟନ କମିଶନର ଆର. ବାଲ କ୍ରିଷ୍ଣନ୍ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଅପରପକ୍ଷରେ ପୁରୀରେ ବିଧାୟକ ସଞ୍ଜୟ ଦାସ ବର୍ମା ଓ ସତ୍ୟବାଦୀ ବିଧାୟକ ଉମା ବଲ୍ଲଭ ସାମନ୍ତରାୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଉପସ୍ଥିତ ଥିଲେ ।

ବାୟୁସେନା ହେଲିକପ୍ଟର୍ ଦୁର୍ଘଟଣା: ୫ ମୃତ

ଅରୁଣାଚଳ ,୬।୧୦:ପ୍ରଶିକ୍ଷଣ ଚାଲିଥିବାବେଳେ ଭାରତୀୟ ବାୟୁସେନାର ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣ ବାୟୁସେନା କର୍ମଚାରୀଙ୍କର ଦେହାନ୍ତ ହୋଇଥିବାବେଳେ ଜଣେ ସାଙ୍ଘାତିକ ଆହତ ହୋଇଛନ୍ତି । ଅରୁଣାଚଳ ପ୍ରଦେଶରେ ଏକ ଏମ୍ଆଇ- ୧୭ ଭି୫ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଭାରତୀୟ ବାୟୁସେନା ନିଶ୍ଚିତ କରାଇଛି । ଦୁର୍ଘଟଣାର କାରଣ ସଂକ୍ରାନ୍ତରେ ତଦନ୍ତ କରିବାକୁ ଏକ ଇନ୍‌କ୍ୱାରି କୋର୍ଟ କରାଯିବାକୁ ଆଦେଶ ଦିଆଯାଇଛି । ବାୟୁସେନାର ଜଣେ ଅଧିକାରୀ କହିଛନ୍ତି ଯେ ଆଜି ସକାଳ ପ୍ରାୟ

୬ଟାବେଳେ ଏକ ଏମ୍ଆଇ-୧୭ଭି୫ ହେଲିକପ୍ଟର୍ ଏୟାର୍ ମେଣ୍ଟେନାନ୍ସ୍ ମିସନ୍‌ରେ ଥିବାବେଳେ ଅରୁଣାଚଳ ପ୍ରଦେଶରେ ଦୁର୍ଘଟଣାର ଶିକାର ହୋଇଛି ।


ନେବାର ଭଲ ଉପାୟ
ହେଉଛି ଦେବା ।

ହୁଣ୍ଡିର ଆୟ (୬.୧୦.୧୭)
୨,୮୭,୭୮୨

ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ପୁଣି ଲାଗୁ ହେବ ପାସ୍ ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର : ରାଜ୍ୟରେ ପୁଣି ଥରେ ଲାଗୁ ହେବ ପାସ୍ ଫେଲ୍ ବ୍ୟବସ୍ଥା । ଏନେଇ ଖୁବଶୀଘ୍ର ଏକ ବିଲ୍ ଆଣିବେ କେନ୍ଦ୍ର ସରକାର । ପିଲା ମାର୍ଚ୍ଚ ମାସ ପରୀକ୍ଷାରେ ଫେଲ୍ ହେଲେ ମେ’ରେ ଆଉ ଥରେ ପରୀକ୍ଷା ଦେବେ । ଏଥିରେ ୨୫ଟି ରାଜ୍ୟ ନିଜର ସହମତି ଦେଇଛନ୍ତି । ଚଳିତ ଶିକ୍ଷାବର୍ଷରୁ ଏହି ସଂସ୍କାର ଅଣାଯିବ । ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର । ସେ ଆହୁରି ମଧ କହିଛନ୍ତି, ଦଶମ ଶ୍ରେଣୀରେ ପ୍ରଚଳନ ହେବ ବୋର୍ଡ ପରୀକ୍ଷା । ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ପାଇଁ ୨ଟି ପରୀକ୍ଷା ବ୍ୟବସ୍ଥା ଲାଗୁ କରାଯିବ । ପଞ୍ଚମ ଓ ଅଷ୍ଟମରେ ଫେଲ ହେଲେ ପୁଣି ଥରେ ପରୀକ୍ଷା ଦେବାକୁ ପିଲାଙ୍କୁ ସୁଯୋଗ ମିଳିବ । ଫେଲ ହୋଇଥିବା ପିଲା ପୁର୍ନବାର ସେହି ଶ୍ରେଣୀରେ ପଢିବେ । ଏଥିସହ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବି ବ୍ୟାପକ ବ୍ୟବସ୍ଥା କରାଯିବ । ପିଲାମାନଙ୍କୁ ସଚେତନ କରାଇବାକୁ ପ୍ରତି ସ୍କୁଲ ମାନଙ୍କରେ ପୋଷ୍ଟରମାନ (ପୃଷ୍ଠା-୭)

ପର୍ଯ୍ୟଟନକୁ ଲାଭଜନକ ଏବଂ ସ୍ୱୟଂ-ପୋଷିତ କର

- ୧୯ ଟି ସ୍ଥାନରେ ନୂତନଭାବେ ପର୍ଯ୍ୟଟନସ୍ଥଳି ସୃଷ୍ଟି କରାଯିବ
- ପର୍ଯ୍ୟଟନସ୍ଥଳିରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ପାଳିତ ହେବ

ଭୁବନେଶ୍ୱର, ୬।୧୦(ସକାଳଖବର) : ବୃତିଗତ ପରିଚାଳନା ମାଧ୍ୟମରେ ପରିବେଶ-ପର୍ଯ୍ୟଟନ (ଇକୋ ଟୁରିଜିମ୍) କୁ ଲାଭଜନକ (ରେମୁନେରେଟିଭ୍) ଏବଂ ସ୍ୱୟଂ-ପୋଷିତ (ସଷ୍ଟେନେବ୍‌ଲ୍) କରିବା ପାଇଁ ମୁଖ୍ୟ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ରାଜ୍ୟ ସଚିବାଳୟଠାରେ ପରିବେଶ-ପର୍ଯ୍ୟଟନର ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରି ଶ୍ରୀ ପାଢ଼ୀ ଏହି ନିର୍ଦ୍ଦେଶ ଦେଇଥିଲେ । ଅଧିକ ପର୍ଯ୍ୟଟନ ଗୁରୁତ୍ୱ ଥିବା ସ୍ଥାନ ମାନଙ୍କରେ ପ୍ରଥମ ପର୍ଯ୍ୟାୟରେ ଇକୋ-ଟୁରିଜିମ୍‌ର ଉପଯୁକ୍ତ ସୁବିଧା ସୁଯୋଗ ସୃଷ୍ଟି କରିବା ସହ ସେଗୁଡିକର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଇକୋ-ଟୁରିଜିମ୍ ସ୍ଥାନ ଗୁଡିକର ଲାଭଜନକ ମାନକ-କାର୍ଯ୍ୟାନ୍ୱୟନ-ପଦ୍ଧତି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ଼ିଓର) ପ୍ରସ୍ତୁତ କରିବା ନିମନ୍ତେ ଉନ୍ନୟନ କମିଶନର ଶ୍ରୀ ଆର୍ ବାଲାକ୍ରିଷ୍ଣନ୍ ପରାମର୍ଶ ଦେଇଥିଲେ । ପ୍ରତି ସ୍ଥାନ ପାଇଁ ଅନ୍‌ଲାଇନ୍

ବୁକିଂର ବ୍ୟବସ୍ଥା କରାଯାଇଛି ଏବଂ ଚଳିତ ବର୍ଷଠାରୁ ପ୍ରାୟ ୨୬ଟି ଇକୋ-ଟୁରିଜିମ୍ ସ୍ଥାନରୁ ୧.୫୭ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ (ପୃଷ୍ଠା-୭)

ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୧୦(ସକାଳଖବର) : ଆଗାମୀ ଦିନରେ ହେବାକୁ ଥିବା ପୌର ସଂସ୍ଥା ନିର୍ବାଚନ ପୂର୍ବରୁ ୱାର୍ଡ ପୁର୍ନଗଠନ ଶେଷ କରି ତାଲିକା ପଠାଇବା ପାଇଁ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟ ସଚିବ ରବିନ୍ଦ୍ର ନାଥ ସାହୁ ଏହା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ୬୬ଟି ପୌର ସଂସ୍ଥାର କାର୍ଯ୍ୟକାଳ ସେପ୍ଟେମ୍ବର ମାସରେ ଶେଷ ହେଉଥିବା ବେଳେ ୩୪ ଟିର ଡିସେମ୍ବର ମାସରେ ଶେଷ ହେଉଛି ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick